# NATIONAL NEWS BULLETIN (ODIA)

**23 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

\- କିମ୍ବଦନ୍ତୀ ଅଭିନେତା ମୋହନଲାଲଙ୍କୁ ଦିଆଯିବ ଦାଦାସାହେବ ଫାଲ୍‌କେ ପୁରସ୍କାର ।

- ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ ପୂରିଲା ୭ ବର୍ଷ ।

- ଆଜି ପାଳିତ ହେଉଛି ୧୦ମ ଜାତୀୟ ଆର୍ୟୁବେଦ ଦିବସ ।

- ସାମାଜିକ ସୁରକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ମାଧ୍ୟମରେ ଗତ ୧୧ବର୍ଷରେ ସୁଦୃଢ଼ ହୋଇଛି ଅସଂଗଠିତ କ୍ଷେତ୍ର ।

ଏବଂ

- ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ସୁପର୍ ଫୋର୍ ପର୍ଯ୍ୟାୟରେ ଆଜି ମୁହାଁମୁହିଁ ହେବେ ପାକିସ୍ତାନ ଓ ଶ୍ରୀଲଙ୍କା ।

## ପ୍ରେସିଡେଣ୍ଟ ନ୍ୟାସନାଲ୍ ଫିଲ୍ମ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଏଥିରେ ହିନ୍ଦୀ ଚଳଚ୍ଚିତ୍ର **‘12th fail’** କୁ ସର୍ବୋତ୍ତମ ଫିଚର୍ ଫିଲ୍ମ ପୁରସ୍କାର ପ୍ରଦାନ କରାଯିବ । ଅନ୍ୟ

ପକ୍ଷରେ ହିନ୍ଦୀ ଚଳଚ୍ଚିତ୍ର 'କଥାଲ୍-ଏ ଜ୍ୟାକ୍‌ଫ୍ରୁଟ୍ ମିଷ୍ଟ୍ରି'କୁ ସର୍ବୋତ୍ତମ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ । ଚଳଚ୍ଚିତ୍ର 'ଯବାନ୍' ପାଇଁ ଅଭିନେତା ସାହାରୁଖ୍ ଖାନ୍ ଏବଂ ବିକ୍ରାନ୍ତ ମାସେଙ୍କୁ **'12th fail'** ପାଇଁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯିବ ।

ଆଜିର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କିମ୍ବଦନ୍ତୀ ଅଭିନେତା, ନିର୍ଦ୍ଦେଶକ ଏବଂ ପ୍ରଯୋଜକ ମୋହନ ଲାଲଙ୍କୁ ୨୦୨୩ ମସିହା ପାଇଁ ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରିବେ । ଅଭିନେତ୍ରୀ ରାଣୀ ମୁଖାର୍ଜୀଙ୍କୁ 'ମିଶେଶ ଚାଟାର୍ଜୀ ଭର୍ସେସ୍ ନରୱେ' ଚଳଚ୍ଚିତ୍ରରେ ନିଖୁଣ ଅଭିନୟ ପାଇଁ ସର୍ବୋତ୍ତମ ଅଭିନେତ୍ରୀ ପୁରସ୍କାର ପ୍ରଦାନ କରାଯିବାକୁ ଥିବା ବେଳେ ଅଣ-ଫିଚର୍ ଫିଲ୍ମ ବର୍ଗରେ ସୌମ୍ୟଜିତ ଘୋଷ ଦସ୍ତିଦାରଙ୍କ ନିର୍ଦ୍ଦେଶିତ 'ଫ୍ଲାୱାରିଂ ମ୍ୟାନ୍' ଚଳଚ୍ଚିତ୍ର ସର୍ବୋତ୍ତମ ଅଣ-ଫିଚର୍ ଫିଲ୍ମ ପୁରସ୍କାର ପ୍ରଦାନ କରାଯିବ ।

ଘୋଷଣା ଅନୁଯାୟୀ ହିନ୍ଦୀ ଚଳଚ୍ଚିତ୍ର 'ରକି ଅର୍ ରାନୀ କି ପ୍ରେମ୍ କାହାନୀ'କୁ ସୁସ୍ଥ ମନୋରଂଜନ ପାଇଁ ସର୍ବୋତ୍ତମ ଲୋକପ୍ରିୟ ଚଳଚ୍ଚିତ୍ର ଭାବେ ଚୟନ କରାଯାଇଥିବା ବେଳେ ସାମ୍‌ବାହାଦୂରକୁ ସାମାଜିକ ଏବଂ ପରିବେଶଗତ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ସର୍ବୋତ୍ତମ ଫିଚର୍ ଚଳଚ୍ଚିତ୍ର ଭାବେ ମନୋନୀତ କରାଯାଇଛି । ଆଞ୍ଚଳିକ ଚଳଚ୍ଚିତ୍ର ବର୍ଗରେ ଓଡ଼ିଆ ଚଳଚ୍ଚିତ୍ର 'ପୁଷ୍କର'କୁ ମନୋନୀତ କରାଯାଇଛି ।

# ଆୟୁଷ୍ମାନ ଭାରତ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାକୁ ଆଜି ୭ ବର୍ଷ ପୂରଣ ହୋଇଛି। ୨୦୧୮ ମସିହା ସେପ୍ଟେମ୍ବର ମାସରେ ରାଞ୍ଚିରେ ଆରମ୍ଭ ହୋଇଥିବା ଏହି ଯୋଜନା ବିଶ୍ୱର ସର୍ବବୃହତ୍ ସରକାରୀ ସ୍ୱାସ୍ଥ୍ୟ ଯୋଜନା ଭାବେ ପରିଗଣିତ ହୋଇଛି । ଭାରତରେ ପ୍ରାୟ ୫୫ କୋଟିରୁ ଅଧିକ ଉପଭୋକ୍ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା କ୍ଷେତ୍ରରେ ଏହା ବଡ ପରିବର୍ତ୍ତନ ଆଣିଛି । ପରିବାର ଗୁଡ଼ିକୁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦେବା ସହ ଦେୟମୁକ୍ତ ଏବଂ କାଗଜମୁକ୍ତ ସେବା ଆରମ୍ଭ ରାଯାଇଛି । ଏବେସୁଦ୍ଧା ୧୦କୋଟି ୩୦ଲକ୍ଷରୁ ଅଧିକ ଲୋକ ଏହି ଯୋଜନାରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ସେବା ଲାଭ କରିବା ସହ ପ୍ରାୟ ୧ଲକ୍ଷ ୪୮ହଜାର କୋଟି ଟଙ୍କାର ଦେୟମୁକ୍ତ ସେବା ହାସଲ କରିଛନ୍ତି । ୨୦୨୨ରେ ଆୟୁଷ୍ମାନ ଭାରତ ଯୋଜନାରେ ୧୨କୋଟି ପରିବାର ସାମିଲ ହୋଇଥିଲେ । ୨୦୨୪ରେ ଅଙ୍ଗନବାଡି, ଆଶାକର୍ମୀ ଓ ସେମାନଙ୍କ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିଲା । କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ ଗତବର୍ଷ ଅକ୍ଟୋବରରେ ୭୦ବର୍ଷରୁ ଅଧିକ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ସାମିଲ କରାଯାଇଥିଲା ।

## ବୈଷ୍ଣବ – ପଞ୍ଜାବ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପଞ୍ଜାବର ଫିରୋଜପୁର କ୍ୟାଣ୍ଟନମେଣ୍ଟରୁ ଦିଲ୍ଲୀକୁ ନୂଆ ବନ୍ଦେଭାରତ ଟ୍ରେନ୍ ଚଳାଚଳ ପାଇଁ ପ୍ରସ୍ତାବ ଦେଇଛନ୍ତି । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ପଞ୍ଜାବରେ ଏବେ ୫ଟି ବନ୍ଦେଭାରତ ଟ୍ରେନ୍ ଚଳାଚଳ କରୁଛି । ଏବଂ ଏହାଦ୍ୱାରା ୭ଟି ଜିଲ୍ଲାର ଲୋକେ ରେଳସେବାର ସୁବିଧା ପାଉଛନ୍ତି । ସେ କହିଥିଲେ ଗତ ୧୧ ବର୍ଷ ମଧ୍ୟରେ ପଞ୍ଜାବ ପାଇଁ ରେଳ ବଜେଟ୍ ଆବଣ୍ଟନ ୨୪ଥର ବୃଦ୍ଧି କରାଯାଇଛି ।

**V/O (Ashwini Baishnab)**

ମନ୍ତ୍ରୀ କହିଥିଲେ ରାଜପୁରାରୁ ମୋହାଲି ୪୪୩ କୋଟି ଟଙ୍କା ସମ୍ବଳିତ ନୂଆ ରେଳଲାଇନ୍ ପାଇଁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଯାହାଫଳରେ ରାଜପୁରା ଏବଂ ମୋହାଲି ମଧ୍ୟରେ ୬୬ କିଲୋମିଟର ଦୂରତା ହ୍ରାସ ପାଇବ । ଏହାଦ୍ୱାରା ସଂପୃକ୍ତ ଅଞ୍ଚଳ ଗୁଡ଼ିକରେ କୃଷି ଏବଂ ବୟନଶିଳ୍ପକୁ ଅଧିକ ପ୍ରୋତ୍ସାହନ ମିଳିପାରିବ ।

## ୧୦ ନ୍ୟାସନାଲ୍ ଆୟୁର୍ବେଦିକ ଡେ

ଆଜି ଦଶମ ଜାତୀୟ ଆୟୁର୍ବେଦ ଦିବସ ପାଳନ କରାଯାଉଛି । ଗୋଆର ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନରେ ପାରମ୍ପରିକ ଭାରତୀୟ ଔଷଧର ପ୍ରଚାର ପ୍ରସାର ପାଇଁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ କେନ୍ଦ୍ର ଆୟୁଷ ରାଷ୍ଟ୍ର ମନ୍ତ୍ରୀ ପ୍ରତାପ ରାଓ ଯାଦବ ଉଦ୍‌ଘାଟନ କରିଛନ୍ତି ।

ସେ କହିଛନ୍ତି ଆର୍ୟୁବେଦ ଗୁଣସମ୍ପନ୍ନ ପାରମ୍ପରିକ ଖାଦ୍ୟପଦାର୍ଥ ସ୍ୱାସ୍ଥ୍ୟ ପାଇଁ ଯେତିକି ଲାଭଦାୟକ ସେତିକି ପୋଷଣଯୁକ୍ତ । ଆଜିର ଦିବସର ଉଦ୍ଦେଶ୍ୟ ହେଉଛି ଲୋକମାନଙ୍କ ମଧ୍ୟରେ ଆର୍ୟୁବେଦ ପ୍ରତି ସଚେତନ ସୃଷ୍ଟିକରିବା ଏବଂ ସନ୍ତୁଳିତ ଖାଦ୍ୟ ଜରିଆରେ ସ୍ୱାସ୍ଥ୍ୟବାନ୍ ଓ ନିରୋଗ ରହିବା ।

ଚଳିତ ବର୍ଷ ଆୟୁର୍ବେଦ ଦିବସର ବାର୍ତ୍ତା ରହିଛି, 'ମାନବ ଓ ପୃଥିବୀ ପାଇଁ ଆୟୁର୍ବେଦ' । ଆୟୁର୍ବେଦର ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥାୟୀତ୍ୱ ପ୍ରତି ଏହାର ଅବଦାନକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଜାତୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଗୋଆ ଡାକ୍ତରଖାନାରେ ଅନେକ ଗୁଡ଼ିଏ ବ୍ୟବସ୍ଥାର ଉଦ୍‌ଘାଟନ କରାଯିବ ବୋଲି ଜଣାପଡ଼ିଛି ।

# ସେବାପର୍ବ-ଫାଇନାନସିଆଲ ସିକ୍ୟୁରିଟି

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାରଙ୍କ କଲ୍ୟାଣକାରୀ ପଦକ୍ଷେପ, ସାମାଜିକ ସୁରକ୍ଷା ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ମାଧ୍ୟମରେ କିଭଳି ଅସଂଗଠିତ କ୍ଷେତ୍ରକୁ ସୁଦୃଢ଼ କରିଛି ।

ଏ ସମ୍ପର୍କରେ ଏକ ରିପୋର୍ଟ...

ଯଦି ଆପଣଙ୍କ ପାଖରେ ବନ୍ଧକ ଭାବରେ ଦେବାକୁ କିଛି ନାହିଁ ତେବେ ଚିନ୍ତା କରନ୍ତୁ ନାହିଁ ମୋଦୀ ଆପଣଙ୍କର ଗ୍ୟାରେଣ୍ଟି ନେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତବର୍ଷ ପ୍ରଧାନମନ୍ତ୍ରୀ ସ୍ୱନିଧିର ହିତାଧିକାରୀଙ୍କୁ ସମ୍ବୋଧିତ କରି ଏଭଳି ପ୍ରତିଶ୍ରୁତି ଦେଇଥିଲେ ।

**V/O-PM Swanidhi**

ଦେଶର ଜି.ଡି.ପି.ର ପ୍ରାୟ ୪୫ ପ୍ରତିଶତ ଅବଦାନ ସହିତ ଅସଂଗଠିତ କ୍ଷେତ୍ର ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ହୋଇପାରିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ସରକାର ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କୁ ସଶକ୍ତ କରିବାର ଦାୟିତ୍ୱ ନେଇଛନ୍ତି । ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ରାସ୍ତାକଡ଼ରେ ବିକ୍ରି କରି ଗୁଜରାଣ ମେଣ୍ଟାଉଥିବା ଲୋକମାନଙ୍କ ପାଇଁ ବ୍ୟାଙ୍କ୍ ଋଣ ବ୍ୟବସ୍ଥା ସମେତ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ କ୍ୟାସ୍ ବ୍ୟାକ୍ ବ୍ୟବସ୍ଥା କରିଛନ୍ତି । କୋଭିଡ୍ ନାଇଣ୍ଟିନ୍ ମହାମାରୀ ଦ୍ୱାରା ପ୍ରଭାବିତ ରାସ୍ତାକଡ଼ର ବିକ୍ରେତାମାନଙ୍କୁ ସାହାଯ୍ୟ କରିବା ପାଇଁ ୨୦୨୦ ଜୁନ୍ ମାସରୁ କେନ୍ଦ୍ର ସରକାର ପି.ଏମ୍. ସ୍ୱନିଧି ଯୋଜନା ଆରମ୍ଭ କରିଥିଲେ ଏବଂ ଏହାକୁ ୨୦୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଯୋଜନାରେ ଲାଭ ପାଇଥିବା ଜଣେ ହିତାଧିକାରୀ କହିଛନ୍ତି:

**V/O-Beneficiary**

ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାର ଇ-ଶ୍ରମନାମକ ପୋର୍ଟାଲ୍ ଆରମ୍ଭ କରିଛନ୍ତି । ଯେଉଁଥିରେ ପଞ୍ଜିକୃତ ହେବା

ପରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଛି । ଏଥିସହିତ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା ଭଳି ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଯେଉଁଥିରେ ଶ୍ରମିକମାନଙ୍କ ପାଇଁ କେନ୍ଦ୍ର ସରକାର ୫୦ ପ୍ରତିଶତ ଅବଦାନ ଦେଇଥାନ୍ତି । ଏହାଛଡ଼ା ବିଭିନ୍ନ ସମୟରେ ଶ୍ରମିକମାନଙ୍କୁ ତାଲିମ୍ ଦିଆଯାଇ ବିଭିନ୍ନ କାର୍ଯ୍ୟ ନିମନ୍ତେ ସେମାନେ ଯେଭଳି ଯୋଗ୍ୟ ହୋଇପାରିବେ କେନ୍ଦ୍ର ସରକାର ମଧ୍ୟ ସେ ଦାୟିତ୍ୱ ନେଇଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସତ୍ୟବ୍ରତ ବେହୁରା ।

**Seba Parba Closing**

# ଅମିତ ଶାହା-ଷ୍ଟାର୍ଟଅପ୍

ଗୁଜୁରାଟ ଗାନ୍ଧୀନଗରସ୍ଥିତ ମହାତ୍ମା ମନ୍ଦିରଠାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଷ୍ଟାର୍ଟଅପ୍ ସମ୍ମିଳନୀ ୨୦୨୫କୁ ଉଦ୍‌ଘାଟନ କରିଛନ୍ତି । ଗୁଜୁରାଟ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଦୁଇଦିନିଆ ସମ୍ମିଳନୀରେ ହଜାରେରୁ ଅଧିକ ଷ୍ଟାର୍ଟଅପ୍, ୫ହଜାରରୁ ଅଧିକ ଉନ୍ମେଷକ, ୧୦୦ରୁ ଅଧିକ ଶିଳ୍ପବ୍ୟକ୍ତିତ୍ୱ, ୫୦ରୁ ଅଧିକ ପୁଞ୍ଜିନିବେଶକାରୀ ଓ ନୀତି ନିର୍ଦ୍ଧାରକ ଗୋଟିଏ ମଞ୍ଚରେ ଏକାଠି ହେବେ । ୨୦ଟି ରାଜ୍ୟର ୧୭୦ରୁ ଅଧିକ ଷ୍ଟାର୍ଟଅପ୍ ଏହି ସମ୍ମିଳନୀରେ ପ୍ରଦର୍ଶନ କରାଯିବ ।

ସୂଚନା ଅନୁଯାୟୀ ଯେଉଁ ପ୍ରକଳ୍ପଗୁଡ଼ିକ ଷ୍ଟାର୍ଟଅପ୍ ଇଣ୍ଡିଆ ଲାଗି ମନୋନୀତ ହୋଇଛି ସେଗୁଡ଼ିକ ମଧ୍ୟ ଏହି ସମ୍ମିଳନୀରେ ସ୍ଥାନ ପାଇବ । ସମ୍ମିଳନୀ

ସମୟରେ ରାଜ୍ୟ ସରକାର ବିଭିନ୍ନ ଷ୍ଟାର୍ଟଅପ୍, ନିବେଶକ ଏବଂ ଆର୍ଥିକ ପ୍ରତିଷ୍ଠାନ ସହ ୫୦ଟି ବୁଝାମଣାପତ୍ର ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି ।

## ଜୁବିନ୍-ଲାଷ୍ଟ ରାଇଟସ୍

ଆସାମର ଲୋକପ୍ରିୟ ଗାୟକ ଜୁବିନ୍ ଗର୍ଗଙ୍କର ଅନ୍ତିମ ସଂସ୍କାର ଗତକାଲି ଗୌହାଟୀର ସୋନାପୁର ଠାରେ ସମ୍ପନ୍ନ ହୋଇଛି । ଏହି କଳାକାରଙ୍କୁ ଶେଷ ସମ୍ମାନ ଜଣାଇବା ଲାଗି ଲକ୍ଷାଧିକ ଲୋକ ଏକତ୍ରିତ ହୋଇଥିଲେ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ଗୌହାଟୀ ମେଡିକାଲ୍ କଲେଜ୍‌ରେ ଜୁବିନ୍‌ଙ୍କ ଦ୍ୱିତୀୟଥର ପୋଷ୍ଟ୍‌ମଟମ୍ କରାଯାଇଛି ।

କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଅନ୍ତିମ ସଂସ୍କାର ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧି ଭାବେ ଯୋଗ ଦେଇଥିଲେ । ଗତ ଶୁକ୍ରବାର ଦିନ ଗାୟକ ଜୁବିନ୍ ଗର୍ଗ ସିଙ୍ଗାପୁରକୁ ଏକ ସଂଗୀତ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯାଇଥିବା ବେଳେ ସେଠାରେ ପାଣିରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା । ୨୦୦୬ ମସିହାରେ ଗ୍ୟାଙ୍ଗ୍‌ଷ୍ଟାର ଚଳଚ୍ଚିତ୍ରରେ ‘ୟା ଅଲ୍ଲୀ’ ଗୀତ ଜରିଆରେ ସେ ପ୍ରସିଦ୍ଧି ଲାଭ କରିଥିଲେ । ପ୍ରାୟ ୪୦ଟି ଭାଷାରେ ୩୮ ହଜାରରୁ ଅଧିକ ଗୀତ ଗାଇଥିବା ଜୁବିନ୍‌ଙ୍କର ୧୯୯୨ ମସିହାରେ ପ୍ରଥମ ସଂଗୀତ ଆଲବମ୍ ‘ଅନାମିକା’ ମୁକ୍ତିଲାଭ କରିଥିଲା ।

# ଏସିଆକପ୍

ଏସିଆକପ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ପ୍ରତିଯୋଗିତାରେ ଆଜି ସୁପର୍ ଫୋର୍ ପର୍ଯ୍ୟାୟରେ ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ରାତି ୮ଟାରେ ଅବୁଧାବିର ଶେଖ୍ ଜାୟଦ୍ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ଗତ ୨୧ ତାରିଖରେ ଭାରତ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ସୁପର୍‌ଫୋର୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ ୬ ଓ୍ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା । ଆସନ୍ତାକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ସୁପର୍ ଫୋର୍ ପର୍ଯ୍ୟାୟରେ ଭାରତ ଏବଂ ବାଂଲାଦେଶ ମୁହାଁମୁହିଁ ହେବେ ।